# ଓଡିଆ (୨୩୩)

## ODIA (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

## TUTOR MARKED ASSIGNMENT (TMA), 2020-21

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ,ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗାଁ ରାଜନୀତିରେ ଟାଉଟର ମାନଙ୍କ ଭୂମିକା ଉଲ୍ଲେଖନୀୟ । ସାଧାରଣ ଜନତା ସେଇ ଟାଉଟର ମାନଙ୍କ ପାଇଁ ହଇରାଣ ହୁଅନ୍ତି -ନିଜ ଅନୁଭୁତିରୁ ବର୍ଣ୍ଣନା କର । (ପାଠ- ୧ ଦେଖ)

(ଖ) ଶିକ୍ଷିତ ବେକାରୀଟିଏ ଭିକାରୀ ସାଜିଲେ ତା ବିବେକ ତାକୁ ବାଟ ଛାଡେନା ଅଥଚ କ୍ଷୁଧା ବାଧକରେ ହାତପତେଇବା ପାଇଁ -ଏଭଳି ଅଭିଜ୍ଞତା ଥିଲେ ପ୍ରକାଶ କର । (ପାଠ- ୮ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭଗବାନଙ୍କ ଦାନକୁ ସ୍ୱୀକାର ନ କରି ନିଜ ସ୍ତ୍ରୀ ଠାରୁ ପର ସ୍ତ୍ରୀ ସୁନ୍ଦର ଓ ପାରଙ୍ଗମ ବୋଲି ଭାବୁଥିବା ସ୍ୱାମୀମାନେ ଦୁଃଖ ପାଆନ୍ତି କି ? ସତ୍ୟତା ବିଚାର କର ।

(ପାଠ- ୨୬ ଦେଖ)

(ଖ) ପୁଅର ପାଟିରୁ ମାଟି କାଢୁଥିବାବେଳେ ତା ପାଟିଭିତରେ ସାରାବିଶ୍ୱକୁ ଦେଖିଥିଲେ କୋଉ ମାଆ ଅବା ବିଶ୍ୱାସ କରିବ ଯେ ତାଙ୍କ ପୁଅ ଜଣେ ସାଧାରଣ ବାଳକ ବୋଲି । ମାଆର ମନୋଭାବ ଚିତ୍ରଣ କର ।

(ପାଠ- ୫ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅନେକ ଦେଶ ଭକ୍ତ ସହୀଦ୍ ହେବାପରେ ଆମ ଦେଶ ସ୍ୱାଧୀନତା ଲାଭକରିଥିଲା । ଜାଣିଥିବା ଯେକୈଣସି ସହୀଦ୍‌ଙ୍କ ସଂପର୍କରେ ଲେଖ । (ପାଠ- ୭ ଦେଖ)

(ଖ) ପିତା ନ ହେଲେ ପିତୃତ୍ୱର ସ୍ୱାଦ ଜାଣିହୁଏ ନାହିଁ । ପୁତ୍ର ପାଇଁ ପିତା ହିଁ ଖୁବ୍ ଦରକାର । ସତ୍ୟତା ବିଚାର କର ।

(ପାଠ- ୨୨ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ନାରୀ ଶିକ୍ଷିତା ହେଲେ ସମାଜ ହୁଏ ସଂସ୍କାରିତ ଓ ସଂସାର ହୁଏ ମାର୍ଜିତ ତଥା ଉନ୍ନତ। ଏଇ ଉପଲକ୍ଷେ ଏକ କାହାଣୀର ଅବତାରଣା କର । (ପାଠ-୧୮ ଦେଖ)

(ଖ) ଧର୍ମକୁ ବାଦ୍ ଦେଇ ଜୀବନ ନାହିଁ । ଧର୍ମ ଅଧର୍ମର ବିଚାର ଶକ୍ତି ଥାଏ ବୋଲି ମଣିଷ ହିଁ ପ୍ରାଣୀ ସମୂହ ମଧ୍ୟରେ ଶ୍ରେଷ୍ଠ ଜୀବ । ଯିଏ ଧର୍ମକୁ ରକ୍ଷାକରେ ତାକୁ ଧର୍ମରକ୍ଷା କରିଥାଏ କି ?କାହାଣୀ ଆଧାରରେ ସତ୍ୟତା ପ୍ରକାଶ କର । (ପାଠ- ୨୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସାଂପ୍ରତିକ ବିଶ୍ୱରେ କରୋନାର ଭୟାବହତାକୁ ନେଇ ସର୍ତକ ରହିବା ଲକ୍ଷରେ ନିଜର ଅତି ଆପଣାର ଲୋକଙ୍କୁ ଏକ ପତ୍ର ଲେଖ । (ପାଠ-୧୩ ଦେଖ)

(ଖ) ପାରିପାର୍ଶ୍ୱିକ ବାତାବରଣ ବ୍ୟକ୍ତିର ଆଚରଣକୁ ପ୍ରଭାବିତ କରିଥାଏ କି ? ଏ ସଂପର୍କରେ ନିଜ ମତ ପ୍ରକାଶ କର ।

(ପାଠ- ୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ମୋବାଇଲ୍ ଓ କଂପ୍ୟୁଟର ର ଅସଦ୍ ବ୍ୟବହାର ଆମ ସଭ୍ୟତାକୁ ବିକୃତ କରୁନାହିଁ ତ ? ଏ ସଂପର୍କରେ ସୁଚିନ୍ତିତ ପ୍ରକଳ୍ପ ନିର୍ମାଣ କର । (ପାଠ- ୨୫ ଦେଖ)

(ଖ) ଧର୍ମ ନାଁ ରେ ଚାଲୁଥିବା ଅଧର୍ମ କାର୍ଯ୍ୟ ହିଁ ପତନର ଏକମାତ୍ର କାରଣ । ପୁରାଣ ପୃଷ୍ଠାରୁ ସତ୍ୟତା ବାଛି ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ-୨୩ ଦେଖ)